# ସତ୍ୟବାଣୀ

# VOICE OF TRUTH

September-October
2001

AN ORIYA BIMONTHLY BULLETIN
PUBLISHED BY THE CHURCH OF CHRIST

# THE VOICE OF TRUTH


**CHURCH OF CHRIST**
P.O. BOX.NO.80, KAKINADA,
A.P. - 533 001.
PH: 0884-363722



**Vol. 6. September & October - 2001 (No.9-10)**


**Published every two months in Oriya Language for the Restoration of pure New Testament Christianity**


Free! Free!! Free!!!

Study the Bible in the quiet of your own home. Enroll yourself in the BASIC BIBLE COURSE in Oriya language. Complete the Course and obtain a copy of Oriya Holy Bible absolutely free! Send your address today to:

THE DIRECTOR
**BIBLE CORRESPONDENCE COURSE**
P.O. BOX.NO.80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

VOL VI KAKINADA SEPT. - OCT.

# ସୁସମାଚାର ପ୍ରଚାର

## (Preaching of the Gospel)

ସ୍ୱର୍ଗାରୋହଣ ପୂର୍ବରୁ ଯୀଶୁଖ୍ରୀଷ୍ଟ ଆପଣା ଶିଷ୍ୟମାନଙ୍କୁ ଆଜ୍ଞା ଦେଇ କହିଲେ, ''ଅତଏବ ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ, ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି, ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର, ଆଉ ଦେଖ, ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି ।'' ସେହି ଆଜ୍ଞା ମାର୍କଙ୍କ ଲେଖନୀରେ, ''ତୁମ୍ଭେମାନେ ସମୁଦାୟ ଜଗତକୁ ଯାଇ ସମସ୍ତ ମାନବଜାତି ନିକଟରେ ସୁସମାଚାର ଘୋଷଣା କର । ସେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ ସେ ଦଣ୍ଡାଜ୍ଞା ପାଇବ ।'' (ମାର୍କ ୧୬:୧୫,୧୬)

ଉପରଲିଖିତ ବାକ୍ୟଗୁଡ଼ିକରୁ ଅନେକ ସତ୍ୟତା ଜାଣିପାରୁ :-

(୧) ଯୀଶୁଖ୍ରୀଷ୍ଟ ଆପଣା ଶିଷ୍ୟମାନଙ୍କୁ ସୁସମାଚାର ପ୍ରଚାର କରିବା ନିମନ୍ତେ ବାହାରି ପଡ଼ିବା ନିମନ୍ତେ ଆଦେଶ ଦେଇଥିଲେ । ତାହା କେବଳ ନୁହେଁ କେଉଁଠାରେ ସୁସମାଚାର ପ୍ରଚାର କରାଯିବ ସେ ବିଷୟରେ ମଧ୍ୟ ସେମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ଦେଶ ଓ ସମସ୍ତ ଜାତି ନିକଟରେ ତାହାଙ୍କ ସୁସମାଚାର ପ୍ରଚାର କରିବା ନିମନ୍ତେ ସେ ଆଦେଶ ଦେଇଥିଲେ । ଆକାଶ ତଳେ ତାହାଙ୍କ ସମସ୍ତ ସୃଷ୍ଟି ଯେପରି ତାହାଙ୍କ ସୁସମାଚାର ଶୁଣିପାରିବେ ଏହା ସେ ଇଚ୍ଛା କରନ୍ତି । ଆଧୁନିକ ଯୁଗ ସଦୃଶ୍ୟ ସେ ସମୟରେ ଯୋଗାଯୋଗରେ ଏତେ ଉନ୍ନତି ସାଧିତ ହୋଇନଥିଲେ ସୁଦ୍ଧା, ତାହାଙ୍କ ଆଜ୍ଞା ପାଳନ କରିବା ଶିଷ୍ୟମାନଙ୍କ ନିମନ୍ତେ ଅସମ୍ଭବ ନଥିଲା ।

(୨) ଯୀଶୁଖ୍ରୀଷ୍ଟ ସମସ୍ତ ଜାତି, ସମସ୍ତ ଦେଶରେ ତାହାଙ୍କ ସୁସମାଚାର ପ୍ରଚାର କରିବା ନିମନ୍ତେ ଆଦେଶ ଦେଇଥିଲେ । ସୁସମାଚାର ଅର୍ଥାତ୍ ତାହାଙ୍କ ମରଣ, ସମାଧି ଓ ଉତ୍ଥାନ ବିଷୟକ

ସତ୍ୟତାରେ ପ୍ରତିଷ୍ଠିତ । ତେଣୁ କରି ସେ କହିଲେ, "ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ ।" (ମାର୍କ ୧୬:୧୬)

(୩) ସୁସମାଚାରର ଆଜ୍ଞାବହ ହେବାକୁ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ହିଁ ବାପ୍ତିଜିତ କରିବା ନିମନ୍ତେ ଯୀଶୁଖ୍ରୀଷ୍ଟ ଆଜ୍ଞା ଦେଇଥିଲେ । ସମସ୍ତ ଦେଶରେ, ସମସ୍ତ ଜାତି ନିକଟରେ ସୁସମାଚାର ପ୍ରଚାରର ଭାର ଯୀଶୁଖ୍ରୀଷ୍ଟ ଆପଣା ଶିଷ୍ୟମାନଙ୍କ ଉପରେ ଥୋଇଥିଲେ । ଯେଉଁମାନେ ସେହି ସୁସମାଚାର ଶ୍ରବଣ କରି, ବିଶ୍ୱାସ କରି ବାପ୍ତିଜିତ ହେବାକୁ ଇଚ୍ଛା କରନ୍ତି ସେମାନଙ୍କୁ ବାପ୍ତିଜିତ କରିବା ନିମନ୍ତେ ସେ ଆଜ୍ଞା ଦେଇଥିଲେ । ପୁନଃର୍ବାର କିପରି ବାପ୍ତିସ୍ମ ନେବା ଆବଶ୍ୟକ ସେ ବିଷୟରେ ମଧ୍ୟ ସେ ନିର୍ଦ୍ଦେଶ ଦେଇଅଛନ୍ତି । "..........ଅତଏବ ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଶିଷ୍ୟ କର ।" (ମାଥିଉ ୨୮,୧୯,୨୦)

ଚତୁର୍ଥରେ, ସୁସମାଚାରର ଆଜ୍ଞାବହ ହେବାକୁ ଲୋକଙ୍କୁ ଅର୍ଥାତ୍ ବାପ୍ତିଜିତ ହେବା ଲୋକଙ୍କୁ ଶିକ୍ଷା ଦେବା ନିମନ୍ତେ ଆପଣା ଶିଷ୍ୟମାନଙ୍କୁ ଯୀଶୁଖ୍ରୀଷ୍ଟ ଆଦେଶ ଦେଇଥିଲେ । ଯେପରି ଲେଖାଯାଏ, "ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଉଅଛି, ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର, ଆଉ ଦେଖ, ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି ।" (ମାଥିଉ ୨୮:୨୦) ଆତ୍ମିକଭାବେ ପୁର୍ନଜନ୍ମିତ ଶିଶୁମାନଙ୍କ ଅଭିବୃଦ୍ଧି ନିମନ୍ତେ ସେମାନଙ୍କୁ ଆତ୍ମିକ ଆହାର ପରିବେଷଣ କରିବା ଆବଶ୍ୟକ । ବାପ୍ତିଜିତ ହେବା ଲୋକେ ଯେପରି ପୁନଃର୍ବାର ଜାଗତିକ ଅଭିଳାଷର ଦାସ ନ ହୁଅନ୍ତି, ସେଥିନିମନ୍ତେ ସେମାନଙ୍କୁ ଯତ୍ନରେ ଲାଳନପାଳନର ଆବଶ୍ୟକ । ବାପ୍ତିଜିତ ହେବା ମାତ୍ରେ ଆମ୍ଭେମାନେ ଅନନ୍ତ ଜୀବନର ଅଧିକାରୀ ହୋଇନପାରୁ, କିନ୍ତୁ ଶେଷ ପର୍ଯ୍ୟନ୍ତ ବିଶ୍ୱସ୍ତ ଜୀବନଯାପନ ଆମ୍ଭମାନଙ୍କୁ ଅନନ୍ତ ଜୀବନର ଅଧିକାରୀ କରିପାରିଥାଏ । ବିଶ୍ୱସ୍ତ ଜୀବନ ଯାପନ ନିମନ୍ତେ ଆମ୍ଭେମାନେ ସୁଶିକ୍ଷିତ ନ ହେଲେ ପୁନଃର୍ବାର ଜାଗତିକ ଜୀବନରେ ଫେରିଯିବାର ସମ୍ଭାବନା ଥାଏ । ଈଶ୍ୱରଙ୍କ ବାକ୍ୟ ଶ୍ରବଣ କରି, ବିଶ୍ୱାସରେ ଆଜ୍ଞାବହ ହେବା ଲୋକଙ୍କୁ ଜୀବନର ଶେଷ ପର୍ଯ୍ୟନ୍ତ ବିଶ୍ୱସ୍ତ ହେବାକୁ ଶିକ୍ଷା ଦେବା ପ୍ରତ୍ୟେକ ଖ୍ରୀଷ୍ଟୀୟାନର କର୍ତ୍ତବ୍ୟ ।

ସ୍ୱର୍ଗାରୋହଣ ପୂର୍ବରୁ ଯୀଶୁଖ୍ରୀଷ୍ଟ ଏହି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟର ଭାର **(Great Commission)** ଆପଣା ଶିଷ୍ୟମାନଙ୍କୁ ଭାରାର୍ପଣ କରିଥିଲେ । ଭାରାର୍ପିତ କାର୍ଯ୍ୟ କିପରି ବହନ କରାଯିବ ତାହାର ଯୋଜନା ମଧ୍ୟ ସେମାନଙ୍କୁ ଦେଇଯାଇଥିଲେ । "ପବିତ୍ର ଆତ୍ମା ତୁମ୍ଭମାନଙ୍କ ଉପରେ ଅବତୀର୍ଣ୍ଣ ହୁଅନ୍ତେ, ତୁମ୍ଭେମାନେ ଶକ୍ତିପ୍ରାପ୍ତ ହେବ, ଆଉ ଯିରୁଶାଲମ ସମସ୍ତ ଯିହୂଦା ପ୍ରଦେଶ ଓ ଶମିରୋଣ ପୁଣି ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ସୁଦ୍ଧା ମୋହର ସାକ୍ଷୀ ହେବ ।" (ପ୍ରେରିତ ୧:୮) ପ୍ରେରିତମାନଙ୍କ

କାର୍ଯ୍ୟର ବିବରଣ ପଢ଼ିଲେ, ତାହାଙ୍କ ଶିଷ୍ୟମାନେ କିପରି ତାହାଙ୍କ ଦତ୍ତ ଯୋଜନାନୁଯାୟୀ ସମର୍ପିତ ଭାରର କାର୍ଯ୍ୟ କରିଥିଲେ ଜାଣି ପାରିବା । ପ୍ରେରିତ ମାନଙ୍କ କାର୍ଯ୍ୟର ବିବରଣର ପ୍ରଥମ ଓ ଦ୍ୱିତୀୟ ଅଧ୍ୟାୟରେ ଯିରୁଶାଲମରେ କିପରି ପ୍ରଥମେ ସୁସମାଚାର ପ୍ରଚାର କରାଯାଇଥିଲା ପଢ଼ି ପାରିଥାଉଁ । ପ୍ରେରିତ ତଥା ବିଭିନ୍ନ ଦେଶସ୍ଥ ଯିହୂଦୀମାନେ ପେଣ୍ଟିକଷ୍ଟ ଦିନରେ ଯିରୁଶାଲମରେ ଏକତ୍ରିତ ଥିଲେ । ସେହିଦିନ ପ୍ରେରିତମାନଙ୍କ ଉପରେ ପବିତ୍ର ଆତ୍ମା ଅବତରଣ କରିବା ଫଳରେ ସେମାନେ ବିଭିନ୍ନ ଭାଷାରେ ଈଶ୍ୱରଙ୍କ ମହିମା କୀର୍ତ୍ତନ କଲେ । ପ୍ରେରିତ ପିତର ପ୍ରଥମ ସୁସମାଚାରର ପ୍ରସଙ୍ଗ ସେଠାରେ ଉପସ୍ଥିତ ଯିହୂଦୀମାନଙ୍କୁ ପରିବେଷଣ କରିଥିଲେ । ତଦ୍ୱାରା ପ୍ରାୟ ତିନି ସହସ୍ର ଯିହୂଦୀ ବାପ୍ତିଜିତ ହୋଇ ମଣ୍ଡଳୀରେ ସଂଯୁକ୍ତ କରାଗଲେ । ସେହି ସମୟ ଠାରୁ ସୁସମାଚାର ବିସ୍ତାରିତ ହେବାକୁ ଲାଗିଲା । ସର୍ବଜ୍ଞାନୀ ପରମେଶ୍ୱର ବିଭିନ୍ନ ଦେଶସ୍ଥ ଯିହୂଦୀମାନେ ଏକତ୍ରିତ ହେବା ସମୟରେ ଯୀଶୁଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାରର ଆରମ୍ଭ କରିବାର ସମୟ ନିରୂପଣ କରି ଆପଣା ଅପାର ଜ୍ଞାନର ପରିଚୟ ଦେଇଛନ୍ତି । ସେହି ଯିହୂଦୀମାନେ ଆପଣା ଆପଣା ସ୍ୱଦେଶକୁ ଯୀଶୁଙ୍କ ସୁସମାଚାରର ଶୁଭବାର୍ତ୍ତା ଘେନିଯାଇଥିଲେ । ଏହିପରି ଭାବେ ସୁସମାଚାର ବିସ୍ତାରିତ ହୋଇଥିଲା । ଉଦାହରଣ ସ୍ୱରୂପ, ପ୍ରେରିତ ପାଉଲ କିମ୍ବା ଅନ୍ୟ କୌଣସି ପ୍ରେରିତ ରୋମ ନଗରରେ ପ୍ରବେଶ କରିବା ପୂର୍ବରୁ ସେଠାରେ ଖ୍ରୀଷ୍ଟଙ୍କ ମଣ୍ଡଳୀ ସ୍ଥାପିତ ହୋଇଥିଲା । ଯେଉଁ ରୋମୀୟ ଯିହୂଦୀମାନେ ପେଣ୍ଟିକଷ୍ଟ ଦିନରେ ଯିରୁଶାଲମରେ ଏକତ୍ରିତ ହୋଇଥିଲେ, ସେମାନଙ୍କ ପରିଶ୍ରମ କି ତାହା ନୁହେଁ ? ରୋମୀୟ ଯିହୂଦୀମାନେ ଆପଣା ଆପଣା ଗୃହକୁ ଫେରିଯାଇ, ଅନ୍ୟମାନଙ୍କ ନିକଟରେ ଯୀଶୁଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର କରିଥିଲେ ଫଳରେ ସେଠାରେ ମଣ୍ଡଳୀ ସ୍ଥାପିତ ହୋଇପାରିଥିଲା ।

(୨) ଦ୍ୱିତୀୟରେ ଯିହୂଦାର ସମସ୍ତ ଅଞ୍ଚଳରେ ସୁସମାଚାର ପ୍ରଚାର ହୋଇଥିଲା । ଯିରୁଶାଲମର ଚତୁର୍ଦ୍ଦିଗରେ ବେଷ୍ଟିତ ଅଞ୍ଚଳଗୁଡ଼ିକୁ ଯିହୂଦା ପ୍ରଦେଶ ବୋଲି କୁହାଯାଉଥିଲା । ଯିରୁଶାଲମ ପରେ ଏହିସବୁ ଅଞ୍ଚଳରେ ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାରିତ ହୋଇଥିଲା । ସ୍ତିଫାନଙ୍କ ମୃତ୍ୟୁ ପରେ ଲେଖାଯାଏ, "ଶାଉଲ ତାହାଙ୍କ ପ୍ରାଣନାଶରେ ସମ୍ମତ ଥିଲେ । ସେହିଦିନ ଯିରୁଶାଲମରେ ଥିବା ମଣ୍ଡଳୀ ପ୍ରତି ଅତିଶୟ ତାଡ଼ନା ଘଟିଲା; ସେଥିରେ ପ୍ରେରିତମାନଙ୍କ ଛଡ଼ା ଅନ୍ୟ ସମସ୍ତେ ଯିହୂଦା ପ୍ରଦେଶ ଓ ଶମିରୋଣ ଅଞ୍ଚଳ ସମୂହର ଚାରିଆଡ଼େ ଛିନ୍ନଭିନ୍ନ ହୋଇଗଲେ ।" (ପ୍ରେରିତ ୮:୧୨) "ସେଥିରେ ଯେଉଁମାନେ ଛିନ୍ନଭିନ୍ନ ହୋଇଥିଲେ, ସେମାନେ ଚତୁର୍ଦ୍ଦିଗରେ ଭ୍ରମଣ କରୁ କରୁ ସୁସମାଚାର ବାକ୍ୟ ପ୍ରଚାର କଲେ ।" (ପ୍ରେରିତ ୮:୯) ଏହିପରି ଭାବେ ଯିହୂଦା ପ୍ରଦେଶରେ ଖ୍ରୀଷ୍ଟଙ୍କ ସୁସମାଚାର ବିସ୍ତାରିତ ହୋଇଥିଲା ।

(୩) ଯିରୁଶାଲମ ଓ ଯିହୂଦା ପ୍ରଦେଶରେ ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାରିତ ହେବା ପରେ, ଶମିରୋଣରେ ପ୍ରଚାରିତ ହୋଇଥିଲା । ''ପୁଣି ଫିଲିପ୍ ଶମିରୋଣର ପ୍ରଧାନ ନଗରକୁ ଯାଇ ଲୋକମାନଙ୍କ ନିକଟରେ ଖ୍ରୀଷ୍ଟଙ୍କୁ ଘୋଷଣା କରିବାକୁ ଲାଗିଲେ । ଆଉ ଲୋକ ସମୂହ ଫିଲିଫ୍‌ଙ୍କ କଥା ଶୁଣି ଓ ତାହାଙ୍କ କୃତ ଆଶ୍ଚର୍ଯ୍ୟ କର୍ମ ସବୁ ଦେଖି ଏକଚିତ୍ତରେ ତାହାଙ୍କ କଥାରେ ମନୋଯୋଗ କରୁଥିଲେ ।'' (ପ୍ରେରିତ ୮:୫,୬) ''କିନ୍ତୁ ଫିଲିପ୍ ଈଶ୍ୱରଙ୍କ ରାଜ୍ୟ ଓ ଯୀଶୁଖ୍ରୀଷ୍ଟଙ୍କ ନାମ ବିଷୟକ ସୁସମାଚର ପ୍ରଚାର କରିବାରୁ, ସେମାନେ ଯେତେବେଳେ ତାହାଙ୍କ କଥାରେ ବିଶ୍ୱାସ କଲେ, ସେତେବେଳେ ପୁରୁଷ ଓ ସ୍ତ୍ରୀ ଉଭୟ ବାପ୍ତିଜିତ ହେବାକୁ ଲାଗିଲେ ।'' (ପ୍ରେରିତ ୮:୧୨) ପୁଣି ଯେତେବେଳେ ପ୍ରେରିତ ପିତର ଓ ଯୋହନ ସେହି ଅଞ୍ଚଳକୁ ଆସିଥିଲେ, ଲେଖାଯାଏ, ''ଏହି ପ୍ରକାରେ ସେମାନେ ସାକ୍ଷ୍ୟ ଦେଇ ପ୍ରଭୁଙ୍କ ବାକ୍ୟ କହି ଶମିରୋଣୀୟମାନଙ୍କ ଅନେକ ଗ୍ରାମରେ ସୁସମାଚାର ପ୍ରଚାର କରୁ କରୁ ଯିରୁଶାଲମକୁ ବାହୁଡ଼ି ଗଲେ ।'' (ପ୍ରେରିତ ୮:୨୫) ଏହିପରିଭାବେ ଶମିରୋଣରେ ଖ୍ରୀଷ୍ଟଙ୍କ ସୁସମାଚାର ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାରିତ ହୋଇଥିଲା ।

(୪) ଖ୍ରୀଷ୍ଟଙ୍କ ସୁସମାଚାର ସର୍ବ ଜଗତରେ ପ୍ରଚାରିତ ହୋଇଥିଲା ।ଯେପରି ପାଉଲ କଲସୀ ମଣ୍ଡଳୀକୁ ଲେଖନ୍ତି, ''ତୁମ୍ଭେମାନେ ଯେବେ ବିଶ୍ୱାସରେ ବଦ୍ଧମୂଳ ଓ ଅଟଳ ରହି ସୁସମାଚାରରେ ନିହିତ ଭରସାରୁ ବିଚଳିତ ନ ହୁଅ, ତାହାହେଲେ ନିଶ୍ଚୟ ଏହି ସବୁ ଫଳ ପାଇବ, ସେହି ସୁସମାଚାର ତୁମ୍ଭେମାନେ ତ' ଶୁଣିଅଛ । ତାହା ଆକାଶ ତଳେ ଥିବା ସମସ୍ତ ସୃଷ୍ଟି ନିକଟରେ ପ୍ରଚାରିତ ହୋଇଅଛି । ଆଉ ମୁଁ ପାଉଲ ସେଥିର ଜଣେ ସେବକ ହୋଇଅଛି ।'' (କଲସି ୧:୨୩) ଏହି ବାକ୍ୟ ଦ୍ୱାରା ପ୍ରାୟ ତିରିଶ ବର୍ଷ ସମୟ ମଧ୍ୟରେ ଯୀଶୁଖ୍ରୀଷ୍ଟଙ୍କ ସୁସମାଚାର ସମସ୍ତ ଜଗତରେ ପ୍ରଚାରିତ ହୋଇ ପାରିଥିଲା ବୋଲି ଜାଣି ପାରିଲୁ ।

ତେବେ ଆମ୍ଭମାନଙ୍କୁ ପ୍ରଭୁ କେଉଁ ଭାରାର୍ପଣ କରିଅଛନ୍ତି ? ଆଦିମ ଖ୍ରୀଷ୍ଟିୟାନ ମାନଙ୍କୁ ଯେଉଁ ଭାର ଅର୍ପଣ କରିଥିଲେ, ତାହା ଆମ୍ଭମାନଙ୍କୁ ମଧ୍ୟ ଦତ୍ତ ହୋଇଅଛି । ସର୍ବ ଜଗତରେ ତାହାଙ୍କ ସୁସମାଚାର ପ୍ରଚାର କରିବାର ଭାର ପ୍ରଭୁ ପ୍ରତ୍ୟେକ ଖ୍ରୀଷ୍ଟିୟାନମାନଙ୍କୁ ଦେଇଅଛନ୍ତି । ଆମ୍ଭେମାନେ ପୂର୍ବ ପୁରୁଷମାନଙ୍କ ଠାରୁ ଅଧିକ ସହଜ ଓ ସୁବିଧାଭାବେ ଯୀଶୁଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର କରିବାକୁ ସୁଯୋଗ ପାଇଅଛୁ । ଏହି ପାପମୟ ଜଗତ, ଖ୍ରୀଷ୍ଟଙ୍କ ସୁସମାଚାର ବିନା ବିନଷ୍ଟ ହୋଇଯାଉଅଛି । ବିନଷ୍ଟ ହୋଇଯାଉଥିବା ଆତ୍ମାଗୁଡ଼ିକୁ ଖ୍ରୀଷ୍ଟ ସୁସମାଚାରରେ ନିହିତ ଅନନ୍ତଜୀବନ ନିକଟକୁ ଫେରାଇ ଆଣିବା ଦ୍ୱାରା, ତାହାଙ୍କ ଦତ୍ତ ମହତ୍ତ୍ୱ କାର୍ଯ୍ୟଭାର **(Great Commission)** ର ସହଭାଗୀ ହୋଇଆଉଁ ।

**- J.C. Choate**

# ରକ୍ତର ଶକ୍ତି

## (Power in the Blood)

"..............ଆଉ ରକ୍ତପାତ ବିନା ପାପମୋଚନ ହୁଏ ନାହିଁ।" (ଏବ୍ରୀ ୯:୨୨) ଖ୍ରୀଷ୍ଟଙ୍କ ରକ୍ତ ବିନୁ ଆମ୍ଭେମାନଙ୍କ ପାପମୋଚନ ହେବା ଅସମ୍ଭବ ।

ରକ୍ତ ପରୀକ୍ଷା ଦ୍ୱାରା ଅନେକ ରୋଗର କାରଣ ଜଣାଯାଏ । ନୂତନ ରକ୍ତ ଗ୍ରହଣକାରୀ ରୋଗୀ ନୂତନ ଜୀବନ ପ୍ରାପ୍ତ ହୁଏ । ତେଣୁ କରି ଆଜିର ଚିକିତ୍ସାଳୟ ଅନେକ ରକ୍ତଦାନକାରୀମାନଙ୍କ ଆବଶ୍ୟକ କରେ । ରକ୍ତଚାପ ଓ ରକ୍ତହ୍ରାସ ମନୁଷ୍ୟ ନିମନ୍ତେ ଏକ ଭୟଙ୍କର ରୋଗ ।

ଆତ୍ମିକ ଜୀବନରେ ମଧ୍ୟ ରକ୍ତର ପ୍ରାଧାନ୍ୟତା ଆହୁରି ଅଧିକ ଭାବେ ରହିଅଛି । ରକ୍ତ ଉପରେ ହିଁ ମନୁଷ୍ୟର ପରିତ୍ରାଣ ନିର୍ଭର କରେ । ଈଶ୍ୱର ମେଷଶାବକଙ୍କ ରକ୍ତପାତରେ ଈଶ୍ୱରଙ୍କ ମଣ୍ଡଳୀ କ୍ରୀତ ଓ ସ୍ଥାପିତ ହୋଇଅଛି । (ପ୍ରେରିତ ୨୦:୨୮)

ଆଦ୍ୟରେ ହିଁ ରକ୍ତର ପ୍ରାଧାନ୍ୟତା ବିଷୟରେ ପିତା ପରମେଶ୍ୱର ଆମ୍ଭମାନଙ୍କୁ ଜଣାଇ ଦେଇଅଛନ୍ତି । ସେ ନୋହଙ୍କୁ କହିଲେ, "ପୁଣି ଆମ୍ଭେ ତୁମ୍ଭମାନଙ୍କ ଜୀବନରୂପ ରକ୍ତପାତର ପରିଶୋଧ ନିତାନ୍ତ ନେବା ।" ଯେ କେହି ମନୁଷ୍ୟର ରକ୍ତପାତ କରିବ, ମନୁଷ୍ୟ ଦ୍ୱାରା ତାହାର ରକ୍ତପାତ କରାଯିବ । ଯେହେତୁ ପରମେଶ୍ୱର ଆପଣା ପ୍ରତିମୂର୍ତ୍ତିରେ ମନୁଷ୍ୟକୁ ନିର୍ମାଣ କରିଅଛନ୍ତି ।" (ଆଦି ୯:୫-୬)

ହେବଲ ଆପଣା ପଶୁପଲର ପ୍ରଥମଜାତ ମେଷ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରି ତାହାଙ୍କ ସନ୍ତୋଷପାତ୍ର ହୋଇଥିଲେ । ଆବ୍ରାହମ ଆପଣା ପୁତ୍ର ଇସ୍‌ହାକ୍‌ଙ୍କୁ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ବଳିରୂପେ ଉତ୍ସର୍ଗ କରିବା ବେଳେ, ସଦାପ୍ରଭୁ ଇସ୍‌ହାକ୍‌ଙ୍କ ବଦଳେ ବଳି ଦେବା ନିମନ୍ତେ ଏକ ହୃଷ୍ଟପୁଷ୍ଟ ବଦ୍ଧଶୃଙ୍ଗ ମେଷ ଯୋଗାଇ ଦେଇଥିଲେ ।

ଇସ୍ରାଏଲ୍ ସନ୍ତାନମାନେ ମିଶରରୁ ଦେଶାନ୍ତର ବନ୍ଦୀତ୍ୱରୁବାହାରିବା ପୂର୍ବେ ଆପଣା ଦ୍ୱାରବନ୍ଧରେ ରକ୍ତ ଲେପି ଆପଣା ଆପଣା ପ୍ରଥମଜାତ ସନ୍ତାନମାନଙ୍କୁ ରକ୍ଷା କରିପାରିଥିଲେ । କିନ୍ତୁ ଦ୍ୱାରବନ୍ଧ ଉପରେ ରକ୍ତ ଲେପିନଥିବା ମିଶରୀୟ ଲୋକମାନେ ଆପଣା ଆପଣା ପ୍ରଥମଜାତ ସନ୍ତାନଙ୍କୁ ହରାଇ ଥିଲେ ।

"ମୋଶା ଲୋକମାନଙ୍କ ନିକଟରେ ବ୍ୟବସ୍ଥାନୁଯାୟୀ ସମସ୍ତ ଆଜ୍ଞା ପ୍ରକାଶ କଲା ଉତ୍ତାରେ ଜଳ, ଲୋହିତ ବର୍ଣ୍ଣ ମେଷଲୋମ ଓ ଏଜୋବ ସହିତ ଗୋବତ୍ସ ଓ ଛାଗର ରକ୍ତ ଘେନି ନିୟମ ପୁସ୍ତକ ଓ ସମସ୍ତ ଲୋକଙ୍କ ଉପରେ ସେଚନ କରି କହିଲେ, "ଈଶ୍ୱର ତୁମ୍ଭମାନଙ୍କ ସମ୍ବନ୍ଧରେ ଯେଉଁ ନିୟମ ଆଦେଶ କରିଅଛନ୍ତି, ସେହି ନିୟମର ରକ୍ତ ଏହି ।" (ଏବ୍ରୀ ୯:୧୮-୨୦)

ଈଶ୍ୱରଙ୍କ ପୁତ୍ରଙ୍କ ରକ୍ତ ସର୍ବ ଉତ୍କୃଷ୍ଟତମ ରକ୍ତ । କିନ୍ତୁ ଖ୍ରୀଷ୍ଟ ବର୍ତ୍ତମାନ ଉତ୍ତମ ଉତ୍ତମ ବିଷୟର ମହାଯାଜକସ୍ୱରୂପ ଉପସ୍ଥିତ ହୋଇ ଏହି ସୃଷ୍ଟିର ଭିନ୍ନ ଅହସ୍ତକୃତ ମହତ୍ତର ଓ ଶ୍ରେଷ୍ଠତର ତମ୍ବୁ ଦେଇଯାଇ ଛାଗ ଓ ଗୋବତ୍ସର ରକ୍ତ ନୁହେଁ, ମାତ୍ର ଆପଣାର ରକ୍ତ ଘେନି ଏକଥରକେ ମହାପବିତ୍ର ସ୍ଥାନରେ ପ୍ରବେଶ କରି ଅନନ୍ତ ମୁକ୍ତି ସାଧନ କରିଅଛନ୍ତି ।" (ଏବ୍ରୀ ୯:୧୨)

ପୁରାତନ ନିୟମ ଓ ନୂତନ ନିୟମର ପ୍ରତ୍ୟେକ ମନୁଷ୍ୟମାନଙ୍କ ନିମନ୍ତେ ପ୍ରଭୁଯୀଶୁ ମୃତ୍ୟୁଭୋଗୀ ଈଶ୍ୱରଙ୍କ ଓ ମନୁଷ୍ୟମାନଙ୍କ ନିମନ୍ତେ ମଧ୍ୟସ୍ଥ ହୋଇଅଛନ୍ତି । ଖ୍ରୀଷ୍ଟଙ୍କ ମୃତ୍ୟୁ ଦ୍ୱାରା ପ୍ରତ୍ୟେକ ମନୁଷ୍ୟ ଏକାଥରେ ପବିତ୍ରୀକୃତ ହୋଇଅଛନ୍ତି । (ଏବ୍ରୀ ୯:୧୫-୧୭) ପରମେଶ୍ୱରଙ୍କ ପଥ କେତେ ସରଳ ! "ତାହାଙ୍କ ଅନୁଗ୍ରହ ରୂପ ନିଧି ଅନୁସାରେ ଆମ୍ଭେମାନେ ସେହି ପ୍ରିୟତମଙ୍କ ଠାରେ ତାହାଙ୍କ ରକ୍ତ ଦ୍ୱାରା ମୁକ୍ତି, ଅର୍ଥାତ୍ ଅପରାଧସବୁର କ୍ଷମାପ୍ରାପ୍ତ ହୋଇଅଛୁ ।" (ଏଫିସୀ ୧:୭) "କିନ୍ତୁ ପୂର୍ବେ ଦୂରରେ ଥିଲ ଯେ ତୁମ୍ଭେମାନେ, ତୁମ୍ଭେମାନେ ଏବେ ଖ୍ରୀଷ୍ଟଯୀଶୁଙ୍କ ଠାରେ ତାହାଙ୍କ ରକ୍ତ ଦ୍ୱାରା ନିକଟସ୍ଥ ହୋଇଅଛ । କାରଣ ସେ ତ' ଆମ୍ଭମାନଙ୍କ ଶାନ୍ତି, ସେ ଶତ୍ରୁତା ସ୍ୱରୂପ ମଧ୍ୟବର୍ତ୍ତୀ ବିଚ୍ଛେଦ ପ୍ରାଚୀର ଭଗ୍ନ କରି ଉଭୟଙ୍କୁ ଏକ କରିଅଛନ୍ତି ।" (ଏଫିସୀ ୨:୧୩, ୧୪) "ସେ ଆମ୍ଭମାନଙ୍କୁ ଅନ୍ଧକାରର କ୍ଷମତାରୁ ଉଦ୍ଧାର କରି ଆପଣା ପ୍ରେମପାତ୍ର ପୁତ୍ରଙ୍କ ରାଜ୍ୟ ମଧ୍ୟକୁ ସ୍ଥାନାନ୍ତର କରିଅଛନ୍ତି । ତାହାଙ୍କ ଠାରେ ଆମ୍ଭେମାନେ ମୁକ୍ତି ଅର୍ଥାତ୍ ପାପକ୍ଷମା ପାଇଅଛୁ ।" (କଲସୀ ୧:୧୩, ୧୪)

ଏହି ବାକ୍ୟ ଆମ୍ଭେମାନେ ପ୍ରତ୍ୟେକ ପ୍ରଭୁଙ୍କ ଦିନରେ ସ୍ମରଣ କରୁ । "ସେହିପରି ଭୋଜନ ଉତ୍ତାରେ ସେ ପାନପାତ୍ର ମଧ୍ୟ ଘେନି କହିଲେ, ଏହି ପାନପାତ୍ର ମୋହର ରକ୍ତରେ ସ୍ଥାପିତ ନୂତନ ନିୟମ, ତୁମ୍ଭେମାନେ ଯେତେଥର ଏଥିରୁ ପାନ କର, ସେତେଥର ମୋତେ ସ୍ମରଣ କରିବା ନିମନ୍ତେ ଏହା କର ।" (୧ମ କରନ୍ଥୀ ୧୧:୨୫)

ରକ୍ତର ପ୍ରାଧାନ୍ୟତା ବିଷୟରେ ଆହୁରି କେତେକ ବାକ୍ୟ ଆମ୍ଭେମାନେ ପଢ଼ିପାରୁ :-

**କଲସୀ ୧:୨୦ :-** "ପୁଣି, ତାହାଙ୍କ କ୍ରୁଶର ରକ୍ତରେ ସେ ଶାନ୍ତି ସ୍ଥାପନ କରି ତାହାଙ୍କ ଦ୍ୱାରା ଆପଣା ସହିତ ସମସ୍ତର ମିଳନ କରନ୍ତି, ହଁ, ତାହାଙ୍କ ଦ୍ୱାରା ପୃଥିବୀ ବା ସ୍ୱର୍ଗରେ ..

ସମସ୍ତ ବିଷୟର ମିଳନ କରନ୍ତି । "ପିତା ଈଶ୍ୱରଙ୍କ ପୂର୍ବ ଜ୍ଞାନାନୁସାରେ ଆତ୍ମାଙ୍କ ଦ୍ୱାରା ପବିତ୍ରୀକୃତ ହୋଇ ଆଜ୍ଞାବହ ପୁଣି ଯୀଶୁଖ୍ରୀଷ୍ଟଙ୍କର ରକ୍ତରେ ସିଞ୍ଚିତ ହେବା ନିମନ୍ତେ ମନୋନୀତ ହୋଇଅଛନ୍ତି । ସେମାନଙ୍କ ନିକଟକୁ ପତ୍ର ଲେଖୁଅଛି । ତୁମ୍ଭମାନଙ୍କ ପ୍ରତି ପ୍ରଚୁର ରୂପେ ଅନୁଗ୍ରହ ଓ ଶାନ୍ତି ହେଉ ।" (୧ମ ପିତର ୧:୨)

**୧ମ ଯୋହନ ୧:୭ :-** "କିନ୍ତୁ ସେ ଯେପରି ଜ୍ୟୋତିନିର୍ବାସୀ ଆମ୍ଭେମାନେ ଯଦି ସେହିପରି ଜ୍ୟୋତିରେ ଆଚରଣ କରୁ, ତେବେ ଆମ୍ଭମାନଙ୍କର ପରସ୍ପର ସହଭାଗିତା ଅଛି, ପୁଣି ତାହାଙ୍କ ପୁତ୍ର ଯୀଶୁଙ୍କ ରକ୍ତ ସମସ୍ତ ପାପରୁ ଆମ୍ଭମାନଙ୍କୁ ପରିଷ୍କାର କରେ ।"

ଆମ୍ଭେମାନେ ତାହାଙ୍କ ଆଜ୍ଞାବହ ହୋଇ ବାପ୍ତିଜିତ ହେବା ପରେ, ତାହାଙ୍କ ଆଜ୍ଞା ସକଳର ଅନୁଗାମୀ ହୋଇ ଜୀବନଯାପନ କରୁଥିବା ପ୍ରତ୍ୟେକ ବ୍ୟକ୍ତି ତାହାଙ୍କ ରକ୍ତ ଦ୍ୱାରା ସୁରକ୍ଷିତ ଅଟନ୍ତି । ନିଖୁନ୍ତ ଓ ନିଷ୍କଳଙ୍କ ମେଷ ଶାବକ ସଦୃଶ୍ୟ ପାପରହିତ ଯୀଶୁଖ୍ରୀଷ୍ଟଙ୍କ ରକ୍ତ ଆମ୍ଭମାନଙ୍କୁ ପବିତ୍ର କରେ ତଥା ସୁରକ୍ଷିତ ରଖେ । (୧ମ ପିତର ୧:୧୯)

ରୋମୀୟ ୬:୩-୪ ଏବଂ ଗାଲାତି ୩:୨୭ ପଦାନୁଯାୟୀ ଖ୍ରୀଷ୍ଟଙ୍କ ଠାରେ ପ୍ରତ୍ୟେକ ବ୍ୟକ୍ତି ତାହାଙ୍କ ରକ୍ତର ସନ୍ନିକଟ ହୁଏ । କାରଣ ବାପ୍ତିସ୍ମ ଖ୍ରୀଷ୍ଟଙ୍କ ମରଣ, ସମାଧି ଓ ଉତ୍‌ଥାନର ପ୍ରତିରୂପ ଅଟେ । ଆମ୍ଭେମାନେ ଆପଣା ଆପଣା ପାପରେ ମୃତ ହୋଇ, ତାହାଙ୍କ ସହିତ ସମାଧିପ୍ରାପ୍ତ ହୋଇ, ଜୀବନରେ ନୂତନ ଭାବେ ଆଚରଣ କରିବାକୁ ପୁନଃରୁତ୍‌ଥିତ ହେଉ ।

ବାପ୍ତିଜିତ ପ୍ରତ୍ୟେକ ତାହାଙ୍କ କାର୍ଯ୍ୟ ସାଧନ ଶକ୍ତି ଦ୍ୱାରା ଖ୍ରୀଷ୍ଟଙ୍କ ଶରୀରରେ ଅନ୍ତର୍ଭୁକ୍ତ ହୁଅନ୍ତି । ସେମାନେ ଖ୍ରୀଷ୍ଟଙ୍କ ରାଜ୍ୟର ପ୍ରଜା ଏବଂ ଈଶ୍ୱରଙ୍କ ପଲର ମେଷ । ଗଲଗଥାର କ୍ରୁଶରେ ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ରଙ୍କ ଦ୍ୱାରା ପାତିତ ରକ୍ତ ଦ୍ୱାରା ଏହା ସମ୍ଭବପର ହୋଇଅଛି । ଆସ ଆମ୍ଭେମାନେ ତାହାଙ୍କ ରକ୍ତରେ ଆପରାକୁ ଧୌତ କରି ତାହାଙ୍କ ସହଭାଗିତାରେ ସୁରକ୍ଷିତ ହେଉଁ ।

**- Fred Dillon**

# ଈଶ୍ୱରଙ୍କ ସନ୍ତାନମାନଙ୍କ ଶତ୍ରୁ
# (The Enemy of God's People)

ଈଶ୍ୱରଙ୍କ ସନ୍ତାନମାନଙ୍କ ଶତ୍ରୁକୁ ବାଇବଲ ଶୟତାନ ରୂପେ ନାମିତ କରେ । "ସେଥିରେ ସର୍ବ ଜଗତର ପ୍ରବଞ୍ଚକ ଦିଆବଲ ଓ ଶୟତାନ ନାମରେ ଖ୍ୟାତ ଯେ ପ୍ରକାଣ୍ଡ ସର୍ପ, ସେହି ପୁରାତନ ନାଗ, ସେ ଆପଣା ଦୂତମାନଙ୍କ ସହିତ ପୃଥିବୀରେ ନିକ୍ଷିପ୍ତ ହେଲା ।" (ପ୍ରକାଶିତ ୧୨:୯) ତାହାର ଅସ୍ତିତ୍ୱ ଅସ୍ୱୀକାର କରିବା ବ୍ୟକ୍ତି ବାଇବଲର ବାକ୍ୟ ଅସ୍ୱୀକାର କରେ । ଆକାଶମଣ୍ଡଳ ରାଜ୍ୟର ଅଧିପତି (ଏଫିସୀ ୨:୧) ମନୁଷ୍ୟମାନଙ୍କ ଅପକାର କରିବାରେ ସଦାସର୍ବଦା ଚେଷ୍ଟିତ ଥାଏ । (୨ୟ କରିନ୍ଥୀ ୨:୧୧)

## ଈଶ୍ୱରଙ୍କ ସେବକମାନଙ୍କୁ ପ୍ରତାରଣା କରେ :-

ଈଶ୍ୱରଙ୍କ ବାକ୍ୟ ଅବଜ୍ଞା ଓ ଅବହେଳା କରିବା ନିମନ୍ତେ ଈଶ୍ୱରଙ୍କ ସେବକମାନଙ୍କୁ ଶୟତାନ ପ୍ରବର୍ତ୍ତାଏ । "କାରଣ ଏହିପରି ଲୋକେ ଭଣ୍ଡ, ପ୍ରେରିତ ଆଉ ଶଠ କାର୍ଯ୍ୟକାରୀ, ସେମାନେ ଖ୍ରୀଷ୍ଟଙ୍କ ପ୍ରେରିତମାନଙ୍କ ବେଶ ଧାରଣ କରନ୍ତି । ଆଉ ଏହା ଆଶ୍ଚର୍ଯ୍ୟ ନୁହେଁ, କାରଣ ଶୟତାନ ନିଜେ ଦୀପ୍ତିମୟ ଦୂତର ବେଶ ଧାରଣ କରେ । ଅତଏବ, ଯଦି ତାହାର ସେବକମାନେ ମଧ୍ୟ ଧାର୍ମିକତାର ସେବକମାନଙ୍କ ବେଶ ଧାରଣ କରନ୍ତି, ତେବେ ତାହା ବଡ଼ ବିଷୟ ନୁହେଁ, ସେମାନଙ୍କ ଶେଷ ଦଶା ସେମାନଙ୍କ କର୍ମ ଅନୁସାରେ ଘଟିବ ।" (୨ୟ କରିନ୍ଥୀ ୧୧:୧୩-୧୫) ସ୍ୱରିତ ନୀତିପୂର୍ଣ୍ଣ ଉପାସନା, ଆସକ୍ତିବାହିନ ପ୍ରାର୍ଥନା ଈଶ୍ୱରଙ୍କ ସନ୍ତୋଷଜନକ ବୋଲି ଶୟତାନ ମନୁଷ୍ୟକୁ ପ୍ରତାରଣା କରିଥାଏ । କିନ୍ତୁ ଏହିପରି ଉପାସନା ତାହାଙ୍କ ଗ୍ରହଣ ଯୋଗ୍ୟ ନୁହେଁ ।

## ସୁସମାଚାର ଆଜ୍ଞାବହମାନଙ୍କ ବିଘ୍ନକାରକ ଶୟତାନ :

ଶ୍ରବଣ କରିବା ବାକ୍ୟ ହୃଦୟରୁ ହରଣ କରିବାରେ ଶୟତାନ ସର୍ବଦା ସତ୍ପର । "ଯେଉଁମାନେ ବାଟ ପାଖରେ ଅଛନ୍ତି, ସେମାନେ ବାକ୍ୟ ଶୁଣନ୍ତି, ତାହାପରେ ଶୟତାନ ଆସି, ଯେପରି ସେମାନେ ବିଶ୍ୱାସ କରି ପରିତ୍ରାଣ ନ ପାଆନ୍ତି, ଏଥିନିମନ୍ତେ ସେମାନଙ୍କ ହୃଦୟରୁ ବାକ୍ୟ ହରଣ କରିନିଏ ।" (ଲୁକ ୮:୧୨) । ମନୁଷ୍ୟମାନେ ସୁସମାଚାରର ଆଜ୍ଞାବହ ହେବା ଶୟତାନର ଇଚ୍ଛା ନୁହେଁ । ଈଶ୍ୱରଙ୍କ ବାକ୍ୟ ପାଳନ ନ କରିବାରେ ସେ ମନୁଷ୍ୟମାନଙ୍କ ବିଘ୍ନ କାରକ ହୋଇଥାଏ ।

## ଈଶ୍ୱରଙ୍କ ଆଜ୍ଞାବହମାନଙ୍କ ମଧ୍ୟରେ ବିଶୃଙ୍ଖଳା ସୃଷ୍ଟି କରେ :

ଆଜି ଖ୍ରୀଷ୍ଟିୟ ଜଗତ ଶାଖାପ୍ରଶାଖାରେ ବିଭକ୍ତ । ପ୍ରତ୍ୟେକ ବର୍ଗର ମନୁଷ୍ୟମାନଙ୍କ ବିଭିନ୍ନ ରୀତିନୀତି ନିୟମ ଅଛି । ଏଗୁଡ଼ିକ ଶୟତାନର କାର୍ଯ୍ୟ, କାରଣ ବାକ୍ୟ କହେ, ''ଈଶ୍ୱର ବିଶୃଙ୍ଖଳାର ଈଶ୍ୱର ନୁହନ୍ତି, ମାତ୍ର ଶାନ୍ତିର ଈଶ୍ୱର ।'' (୧ମ କରିନ୍ଥୀ ୧୪:୩୩)

## ଈଶ୍ୱରଙ୍କ ସନ୍ତାନମାନଙ୍କୁ ପ୍ରଲୋଭିତ କରେ :

ଆଦିମାତା ହବାଙ୍କୁ ଏଦନ ଉଦ୍ୟାନରେ ପ୍ରଲୋଭିତ କରିବା ସଦୃଶ୍ୟ ଶୟତାନ ପ୍ରତ୍ୟେକ ମାନବକୁ ନିରନ୍ତର ପ୍ରଲୋଭିତ କରି ଆସୁଅଛି । ବାକ୍ୟ କହେ, ''କେହି ପରୀକ୍ଷିତ ହେଲେ ମୋହର ଏହି ପରୀକ୍ଷା ଈଶ୍ୱରଙ୍କ ଆଡୁ ହେଉଅଛି ବୋଲି ନ କହୁ । କାରଣ ଈଶ୍ୱର ମନ୍ଦରେ ପରୀକ୍ଷିତ ହୋଇପାରନ୍ତି ନାହିଁ । ଆଉ ସେ ନିଜେ କାହାକୁ ପରୀକ୍ଷା କରନ୍ତି ନାହିଁ । କିନ୍ତୁ ପ୍ରତ୍ୟେକ ଲୋକେ ଆପଣା କାମନା ଦ୍ୱାରା ଆକର୍ଷିତ ଓ ପ୍ରବଞ୍ଚିତ ହୁଏ । ତାହା ପରେ କାମନା ଗର୍ଭଧାରଣ କରି ପାପ ପ୍ରସବ କରେ । ପୁଣି ପାପ ପୂର୍ଣ୍ଣମାତ୍ରାରେ ବୃଦ୍ଧି ପାଇ ମୃତ୍ୟୁକୁ ଜନ୍ମ ଦିଏ ।'' (ଯାକୁବ ୧:୧୩-୧୫) ଈଶ୍ୱରଙ୍କ ବିଶ୍ୱସ୍ତ ସେବକମାନଙ୍କୁ ପଥଭ୍ରଷ୍ଟ କରିବା ଶୟତାନର ଏକମାତ୍ର ଲକ୍ଷ୍ୟ । ପ୍ରେରିତ ପିତର ପ୍ରତ୍ୟେକ ଖ୍ରୀଷ୍ଟିୟାନମାନଙ୍କୁ ସତର୍କ କରି କହନ୍ତି, ''ସଚେତନ ହୋଇ ଜାଗ୍ରତ ରୁହ । ତୁମ୍ଭମାନଙ୍କ ବିପକ୍ଷ ଶୟତାନ ସିଂହପ୍ରାୟ ଗର୍ଜ୍ଜନ କରି କାହାକୁ ଗ୍ରାସିବ, ଏହା ଖୋଜି ବୁଲୁଅଛି ।'' (୧ମ ପିତର ୫:୮)

## ଶୟତାନ ବିଭ୍ରାନ୍ତ ସୃଷ୍ଟି କରେ :

''ଯେଉଁମାନେ ମନ୍ଦକୁ ଭଲ ଓ ଭଲକୁ ମନ୍ଦ କୁହନ୍ତି, ଯେଉଁମାନେ ଅନ୍ଧକାରକୁ ଆଲୁଅ ଓ ଆଲୁଅକୁ ଅନ୍ଧାର ଭଳି ମନେ କରନ୍ତି, ଯେଉଁମାନେ ତିକ୍ତକୁ ମିଷ୍ଟ ଓ ମିଷ୍ଟକୁ ତିକ୍ତ ଭଳି ମନେ କରନ୍ତି ସେମାନେ ସନ୍ତାପର ପାତ୍ର ।'' (ଯିଶାଇୟ ୫:୨୦) ପାପ ମଧୁ ପ୍ରତିଜ୍ଞା କରେ କିନ୍ତୁ ଜୀବନ ତିକ୍ତତାରେ ଭରି ଦିଏ ।

ଖ୍ରୀଷ୍ଟଙ୍କ ସାହାଯ୍ୟରେ ଖ୍ରୀଷ୍ଟିୟାନମାନେ ଶୟତାନର ପ୍ରତିରୋଧ କରନ୍ତି । ''ତୁମ୍ଭେମାନେ ଈଶ୍ୱରଙ୍କର ବଶୀଭୁତ ହୁଅ, ଶୟତାନକୁ ପ୍ରତିବାଧା କର, ତାହା ହେଲେ ସେ ତୁମ୍ଭମାନଙ୍କ ଠାରୁ ପଳାଇଯିବ ।'' (ଯାକୁବ ୪:୭) ଆପଣ କାହାର ବଶୀଭୁତ ଅଟନ୍ତି ! ଈଶ୍ୱରଙ୍କ ବା ଶୟତାନର ? ''ତୁମ୍ଭେମାନେ ଯେପରି ଦୁର୍ଦ୍ଦିନରେ ପ୍ରତିରୋଧ କରି ସର୍ବଜୟୀ ହୋଇ ଅଟଳ ରହିପାର, ଏଥିନିମନ୍ତେ ଈଶ୍ୱରଦତ୍ତ ସମସ୍ତ ସଜ୍ଜା ଗ୍ରହଣ କର ।.......ସେଥି ସଙ୍ଗେ ସଙ୍ଗେ ଯଦ୍ୱାରା ପାପାତ୍ମାର ଅଗ୍ନିବାଣ ସବୁ ନିର୍ବାଣ କରିବାକୁ ସମର୍ଥ ହୁଅ, ସେହି ବିଶ୍ୱାସରୂପ ଢ଼ାଲ ଧର ।'' (ଏଫିସୀ ୬:୧୩,୧୬)

**- Charles Box**

# ଯିହୂଦାର ସିଂହ
## (The Lion of Juda)

"..............ରୋଦନ କର ନାହିଁ, ଦେଖ, ଯେ ଯିହୂଦା ବଂଶଜାତ ସିଂହ ଓ ଦାଉଦଙ୍କ ମୂଳ............।" (ପ୍ରକାଶିତ ୫:୫) ସ୍ୱର୍ଗସ୍ଥ ପିତାଙ୍କ ମେଷଶାବକ ହିଁ ଦାଉଦ ବଂଶଜ ସିଂହ ଅଟନ୍ତି। ନମ୍ରଚିତ୍ତ ଶାନ୍ତିର ରାଜା ଯୀଶୁଖ୍ରୀଷ୍ଟ ପିତା ପରମେଶ୍ୱରଙ୍କ ଶକ୍ତିଯୁକ୍ତ ସ୍ୱର ଅଟନ୍ତି। ଯାହାଙ୍କ ନିକଟରେ ଦୁର୍ବଳତାର ଲେଶ ମାତ୍ର ନାହିଁ ସେହି ଯୀଶୁଖ୍ରୀଷ୍ଟଙ୍କ ବାକ୍ୟ ସତ୍ୟ,ଅପରିବର୍ତ୍ତନ। ତାହାଙ୍କ ଦୟା ଅନନ୍ତକାଳସ୍ଥାୟୀ। ସେହି ନ୍ୟାୟ ବିଚାରକର୍ତ୍ତାଙ୍କ ସମ୍ମୁଖରେ ସମସ୍ତ ମନୁଷ୍ୟଙ୍କୁ ଆପଣା ଆପଣା କର୍ମର ହିସାବ ଦେବାକୁ ପଡ଼ିବ।

ଶୟତାନ ଓ ତାହାର ଅନୁଚରମାନଙ୍କ ବିରୁଦ୍ଧରେ ସଦାପ୍ରଭୁ ଆପଣା ସୈନ୍ୟଦଳର ନେତୃତ୍ୱ ବହନ କରନ୍ତି। "ବିଶ୍ୱାସର ଉତ୍ତମ ଯୁଦ୍ଧରେ ପ୍ରାଣପଣ କର, ଅନନ୍ତ ଜୀବନ ଧରି ରଖ, ସେଥିପାଇଁ ତ' ତୁମ୍ଭେମାନେ ଆହୁତ ହୋଇଅଛ ଓ ଅନେକଙ୍କ ସାକ୍ଷାତରେ ଉତ୍ତମ ସାକ୍ଷ୍ୟ ହୋଇଅଛ।" (୧ମ ତୀମଥି ୬:୧୨) ଈଶ୍ୱରଙ୍କ ଯୋଦ୍ଧାମାନେ "ଆତ୍ମାଙ୍କ ଖଡ୍‌ଗ ଅର୍ଥାତ୍ ଈଶ୍ୱରଙ୍କ ବାକ୍ୟ" ରୂପ ଶିରସ୍ତ୍ରାଣ ପରିଧାନ କରନ୍ତି।" (ଏଫିସୀ ୬:୧୭)

ଆସ ଆମ୍ଭେମାନେ, ଯିହୂଦାର ସିଂହଙ୍କ ପ୍ରକୃତ ଅନୁଚର ହୋଇ ଯୁଦ୍ଧକ୍ଷେତ୍ରରେ ନିର୍ଭୟରେ ଆଗେଇ ଯାଉ କାରଣ "ଈଶ୍ୱର ଆମ୍ଭମାନଙ୍କୁ ଭୀରୁତାର ଆତ୍ମା ଦେଇ ନାହାନ୍ତି, ମାତ୍ର ଶକ୍ତି, ପ୍ରେମ ଓ ସୁବୁଦ୍ଧିର ଆତ୍ମା ଦେଇଅଛନ୍ତି।" (୨ୟ ତୀମଥି ୧:୭)

ତାହାଙ୍କ ଅନୁକରଣ କରିବା ନିମନ୍ତେ ଯିହୂଦାର ସିଂହ ଆମ୍ଭମାନଙ୍କ ନିମନ୍ତେ ଏକ ଆଦର୍ଶ ଦେଖାଇ ଅଛନ୍ତି। ସେ ପିଲା ଓ ସମ୍ରାଟଙ୍କୁ କିମ୍ବା ଉଦ୍ଧତ ଜନତାର ଉଦ୍ଧତାକୁ ଭୟ କରି ନଥିଲେ। ସେ ସତ୍ୟ ନିମନ୍ତେ ନିର୍ଭୟରେ ଠିଆ ହୋଇ ଅସତ୍ୟର ଖଣ୍ଡନ କରିଥିଲେ। ଆସ ଆମ୍ଭେମାନେ ତାହାଙ୍କ ଆଦର୍ଶରେ ନିର୍ଭୟରେ ଯୁଦ୍ଧକ୍ଷେତ୍ରରେ ଅଗ୍ରସର ହେଉ।

ଯିହୂଦା ବଂଶଜ ସିଂହ ଆମ୍ଭମାନଙ୍କ ନେତା ଅଟନ୍ତି। ସେ ଆପଣା ସୈନ୍ୟଦଳ ସହିତ ନିଶ୍ଚୟ ବିଜୟୀ ହେବେ।"...........ଯେଉଁ ଈଶ୍ୱର ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭମାନଙ୍କୁ ଜୟ ପ୍ରଦାନ କରନ୍ତି, ତାହାଙ୍କ ଧନ୍ୟବାଦ ହେଉ।" ଆସ ଆମ୍ଭେମାନେ ଭୟ ଓ ଲଜ୍ଜା ବିନା ସେହି ଯିହୂଦା ବଂଶଜ ସିଂହଙ୍କର ଅନୁଗାମୀ ହେଉ।

**- Charles E. Cobb**

# ଯିରୀହୋର ପ୍ରାଚୀର
## (The Walls of Jericho)

ଯର୍ଦ୍ଦନ ନଦୀର ପଶ୍ଚିମ ପାର୍ଶ୍ୱରେ ଯିରୀହୋ ନଗର ଅବସ୍ଥିତ ଥିଲା । ଏହି ନଗର ଜୟ କରିବା ପାଇଁ ଇସ୍ରାଏଲର ଯୋଦ୍ଧା ନେତା ଯିହୋଶୂୟଙ୍କୁ ସଦାପ୍ରଭୁ ପରମେଶ୍ୱର ଜଣାଇଲେ । ଏହି ନଗର ଓ ତନ୍ନ ନିବାସୀ ତାହାଙ୍କ ହସ୍ତରେ ସମର୍ପଣ କରିବେ ବୋଲି ସଦାପ୍ରଭୁ ପରମେଶ୍ୱର ଯିହୋଶୂୟଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଏହି ନଗର ମହତ୍ ପ୍ରାଚୀର ଦ୍ୱାରା ସୁରକ୍ଷିତ ଥିଲା । ବହୁ ପ୍ରାଣନାଶ ବିନା ସେହି ନଗରୀର ଫାଟକରେ ପ୍ରବେଶ କରିବା ଅସମ୍ଭବ ଥିଲା । ଏହି ନଗର ହସ୍ତଗତ କରିବା ନିମନ୍ତେ ସଦାପ୍ରଭୁ ପରମେଶ୍ୱର ଯିହୋଶୂୟଙ୍କୁ ଏକ ପ୍ରଣାଳୀ ପ୍ରଦାନ କରିଥିଲେ ।ସର୍ବ ପ୍ରଥମେ, ଛଅଦିନ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସମସ୍ତ ଯୋଦ୍ଧା ଯିରୀହୋ ନଗରର ପ୍ରଦକ୍ଷିଣ କରିବେ । ସପ୍ତମ ଦିନରେ ନଗରର ଚାରିଆଡ଼େ ସାତଥର ପ୍ରଦକ୍ଷିଣ କରିବାକୁ ଓ ଯାଜକମାନେ ତୂରୀ ବଜାଇବାକୁ ଆଜ୍ଞାପ୍ରାପ୍ତ ହେଲେ । ବାକ୍ୟ କହେ, ‘‘ଏଥିରେ ଯେତେବେଳେ ସେମାନେ ମହାଶବ୍ଦକାରୀ ଶିଙ୍ଗାରେ ଦୀର୍ଘଧ୍ୱନୀ କରିବେ ଓ ଯେତେବେଳେ ତମ୍ଭେମାନେ ସେହି ତୂରୀଶବ୍ଦ ଶୁଣିବ, ସେତେବେଳେ ସମସ୍ତ ଲୋକ ମହାଜୟଧ୍ୱନୀରେ ଜୟଧ୍ୱନୀ କରିବେ, ତହିଁରେ ନଗରର ପ୍ରାଚୀର ପଡ଼ି ସମଭୂମି ହେବ ଓ ଲୋକମାନେ ପ୍ରତ୍ୟେକ ଆପଣା ଆପଣା ସମ୍ମୁଖସ୍ଥ ପଥ ଦେଇ ଉଠିଯିବେ ।’’ (ଯିହୋଶୂୟ ୬:୫) ସଦାପ୍ରଭୁଙ୍କ ବାକ୍ୟ ଇସ୍ରାଏଲମାନେ ପାଳନ କଲେ ଏବଂ ତାହାଙ୍କ ପ୍ରତିଜ୍ଞାନୁଯାୟୀ ଯିରୀହୋ ନଗର ହସ୍ତଗତ କଲେ ।

ଯିରୀହୋ ନଗରର ପ୍ରାଚୀର ଭୂମିସାତ୍ ହେବାର କାରଣ କ’ଣ ? ପ୍ରାଚୀର ଚାରିଆଡ଼େ ପ୍ରଦକ୍ଷିଣ କରିବା କିମ୍ବା ଯାଜକମାନେ ତୂରୀ ବଜାଇବା ଓ ପ୍ରାଚୀର ଭୂମିସାତ୍ ହେବାରେ କି କୌଣସି ବୈଜ୍ଞାନିକ କାରଣ ଅଛି ? ଇଶ୍ରାଏଲ୍‌ମାନଙ୍କ ପ୍ରାଚୀର ଚତୁର୍ଦ୍ଦିଗରେ ପ୍ରଦକ୍ଷିଣ କି ପ୍ରାଚୀରକୁ ଦୁର୍ବଳ କରି ପାରିବ ? କେବଳ ଈଶ୍ୱରଙ୍କ ଶକ୍ତି ହିଁ ସେଦିନ ଯିରୀହୋ ପ୍ରାଚୀର ଭୂମିସାତ୍ କରିଥିଲା ।

ଯିରୀହୋ ପ୍ରାଚୀର ଭୂମିସାତ୍ ହେବାରେ ଇସ୍ରାଏଲ୍‌ର ମଧ୍ୟ ହାତ ରହିଛି । ଇସ୍ରାଏଲୀୟମାନେ ଈଶ୍ୱରଙ୍କ ସରଳ ସହଜ ଆଜ୍ଞା ଅମାନ୍ୟ କରିଥିଲେ, ସେହି ପ୍ରାଚୀର ଭୂମିସାତ୍ ହୋଇନଥାନ୍ତା । କେବଳ ଇସ୍ରାଏଲର ଈଶ୍ୱରଙ୍କ ଆଜ୍ଞାପଳନରେ ମଧ୍ୟ ପ୍ରାଚୀର ଭୂମିସାତ୍ ହୋଇଥିଲା । କିନ୍ତୁ ଈଶ୍ୱରଙ୍କ ଶକ୍ତିର ପ୍ରଭାବ ମଧ୍ୟ ଏହି ଘଟଣାରେ ଜଡ଼ିତ ହୋଇଅଛି । ଈଶ୍ୱରଙ୍କ ବାକ୍ୟ ପାଳନ ଏବଂ ଈଶ୍ୱରଙ୍କ

ଶକ୍ତି ଫଳାଫଳ ଯିରୀହୋର ପ୍ରାଚୀର ଭୂମିସାତ୍ ହୋଇଥିଲା । କୌଣସି ଏକ କାରଣ ବିନୁ ଏହା ଅସମ୍ଭବପର ହୋଇଥାନ୍ତା ।

ଆମ୍ଭମାନଙ୍କ ଆତ୍ମାର ପରିତ୍ରାଣ ମଧ୍ୟ ଏହି ସୂତ୍ରରେ ଆବଦ୍ଧ ହୋଇଅଛି । ଆମ୍ଭମାନଙ୍କ ପରିତ୍ରାଣ ଆମ୍ଭମାନଙ୍କ ଆଜ୍ଞାବହତା ତଥା ଈଶ୍ୱରଙ୍କ ଅନୁଗ୍ରହ ଓ ଶକ୍ତି ଉପରେ ନିର୍ଭର କରେ । କେବଳ ଆଜ୍ଞାବହତା ବା ଈଶ୍ୱରଙ୍କ ଶକ୍ତିରେ ଆମ୍ଭେମାନେ ପାପକ୍ଷମା ପାଇନପାରୁ । କିନ୍ତୁ ଆମ୍ଭେମାନେ ତାହାଙ୍କ ଆଜ୍ଞାପଳନ କଲେ ପରାତ୍ପର ଈଶ୍ୱରଙ୍କ ଶକ୍ତି ଆମ୍ଭମାନଙ୍କୁ ସମସ୍ତ ପାପରୁ ମୁକ୍ତ କରେ ।

**- Ralph Gentry**

# ବର୍ତ୍ତମାନ ପରମେଶ୍ୱର ଆମ୍ଭମାନଙ୍କୁ କିପରି କଥା କହନ୍ତି ?

## (How God speaks to us Today)

ବର୍ତ୍ତମାନ ପରମେଶ୍ୱର କି ମନୁଷ୍ୟମାନଙ୍କ ସହିତ ପ୍ରତ୍ୟକ୍ଷ କଥା କହନ୍ତି ? ତାହାଙ୍କ ଠାରୁ [illegible]ତ୍ୟକ୍ଷ ବାର୍ତ୍ତା ଶୁଣିବା ନିମନ୍ତେ ଅନେକ ଆତୁରଭାବେ ଅପେକ୍ଷା କରିଥାନ୍ତି । ବାଇବଲ ଇତିହାସର [illegible]କ ବ୍ୟକ୍ତିମାନଙ୍କ ସହିତ ପରମେଶ୍ୱରଙ୍କ ଦୂତ ଏବଂ ସେ ସ୍ୱୟଂ କଥୋପକଥନ କରିବା [illegible]ବଶ୍ୟ ସତ୍ୟ ଅଟେ । ଅବ୍ରାହମ, ଇସ୍‌ହାକ୍, ଯାକୁବ୍, ମେଶା, ଶାମୂୟେଲ୍, ଦାଉଦ, ଏ[illegible] ଏବଂ ଅନ୍ୟ କେତେକ ଭାବବାଦୀମାନେ ପିତା ପରମେଶ୍ୱରଙ୍କ ସହିତ ମୁଖାମୁଖି [illegible]ର ବିବରଣ ଆମ୍ଭେମାନେ ବାଇବଲରେ ପଢ଼ିଥାଉଁ । ଯୀଶୁଖ୍ରୀଷ୍ଟ ବାପ୍ତିଜିତ ହେବା [illegible] ଆଉ ଦେଖ ଆକାଶରୁ ଏହି ବାଣୀ ହେଲା । ଏ ଆମ୍ଭର ପ୍ରିୟ ପୁତ୍ର, ଏହାଙ୍କ ଠାରେ ଆମ୍ଭର ପରମ ସନ୍ତୋଷ । ରୂପାନ୍ତରିତ ହେବା ସମୟର ସ୍ୱର୍ଗୀୟବାଣୀ ଓ ମଣ୍ଡଳୀ ତାଡ଼ନାକାରୀ ଶାଉଲଙ୍କ ସହିତ ଯୀଶୁଖ୍ରୀଷ୍ଟଙ୍କ ପ୍ରତ୍ୟକ୍ଷତା ବିଷୟରେ ଆମ୍ଭେମାନେ ନୂତନ ନିୟମରେ ପଢ଼ିପାରୁ ।

ଅନୁଗ୍ରହର ଯୁଗରେ ପରମେଶ୍ୱର ମନୁଷ୍ୟମାନଙ୍କ ସହିତ କଥା କହିବାର ଶୈଳୀ ବଦଳାଇ ଦେଇଅଛନ୍ତି ବୋଲି ଅନେକ ଜ୍ଞାତ ନୁହନ୍ତି । ଖ୍ରୀଷ୍ଟଙ୍କ ଏହି ଜଗତରେ ଆଗମନ ପୂର୍ବେ ମନୁଷ୍ୟମାନଙ୍କ ସହିତ ଅନେକ ପ୍ରକାରେ କଥା କହୁଥିଲେ । ବାକ୍ୟ କହେ, "ଈଶ୍ୱର ପୁରାକାଳରେ ବିଭିନ୍ନ ଭାଗରେ ଓ ବିଭିନ୍ନ ପ୍ରକାରେ ଭାବବାଦୀ ମାନଙ୍କ ଦ୍ୱାରା ପିତୃପୁରୁଷମାନଙ୍କୁ କଥା କହି, ଏହି ଶେଷକାଳରେ ପୁତ୍ରଙ୍କ ଦ୍ୱାରା ଆମ୍ଭମାନଙ୍କୁ କଥା କହିଅଛନ୍ତି, ତାହାଙ୍କୁ ସେ ସମସ୍ତ ବିଷୟର ଅଧିକାରୀ କରି ନିଯୁକ୍ତ କଲେ, ତାହାଙ୍କ ଦ୍ୱାରା ମଧ୍ୟ ସମସ୍ତ ବିଶ୍ୱ ସୃଷ୍ଟି କଲେ । ସ୍ୱପ୍ନଦର୍ଶନ, ଦୂତମାନଙ୍କ ଦ୍ୱାରା ପିତା ପରମେଶ୍ୱର ପିତୃକୂଳ ପତିମାନଙ୍କ ସହିତ କଥୋପକଥନ କରୁଥିଲେ । କିନ୍ତୁ ଏହି ଅନୁଗ୍ରହ ଯୁଗରେ ସେ ସ୍ୱପ୍ନଦର୍ଶନ କିମ୍ବା ଦୂତମାନଙ୍କ ସହିତ କଥା ନ କହି ତାହାଙ୍କ ଅଦ୍ୱିତୀୟ ପୁତ୍ରଙ୍କ ଦ୍ୱାରା କଥା କହନ୍ତି ।

ଏହି ଅନ୍ତିମକାଳରେ ଅନ୍ତିମ ବକ୍ତା ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟ ଅଟନ୍ତି । ପରମେଶ୍ୱରଙ୍କ ସଂପୂର୍ଣ୍ଣତା ସେ ଆମ୍ଭମାନଙ୍କ ନିକଟରେ ବ୍ୟକ୍ତ କରିଅଛନ୍ତି । ପ୍ରକଟ କରିବାର ଆଉ କୌଣସି ବାର୍ତ୍ତା ଅବଶିଷ୍ଟ ରହି ନାହିଁ । ତାହାଙ୍କ ସଂପୂର୍ଣ୍ଣ ବାର୍ତ୍ତା, ଶେଷ ଇଚ୍ଛା ଓ ନିୟମ ଧର୍ମଶାସ୍ତ୍ରରେ ଲିପିବଦ୍ଧ

ହୋଇ ସୁପ୍ରତିଷ୍ଠିତ ହୋଇ ସମସ୍ତ ମାନବ ଜାତି ନିମନ୍ତେ ସୁରକ୍ଷିତ ହୋଇଅଛି ।

ଏପରିସ୍ଥଳେ, ଧର୍ମମୟ ନ୍ୟାୟବାନ୍ ସର୍ବଶକ୍ତିମାନ ପରମେଶ୍ୱର କୌଣସି ଏକ ମନୁଷ୍ୟ ସହିତ ପ୍ରତ୍ୟକ୍ଷଭାବେ କଥା କହିବାର ପ୍ରୟୋଜନ କ'ଣ ଅଛି ? ଅନ୍ୟମାନଙ୍କ ଠାରୁ ଜଣକୁ ବିଶେଷଭାବେ ବ୍ୟବହାର କରି ସେ କି ମୁଖାପେକ୍ଷା କରିବେ ? ବାକ୍ୟ କହେ, ''ଈଶ୍ୱର ମୁଖାପେକ୍ଷା କରନ୍ତି ନାହିଁ, ଅଦ୍ଭୁତଭାବେ କୌଣସି ମନୁଷ୍ୟକୁ ପରିତ୍ରାଣ କଲେ ସେ ପକ୍ଷପାତୀ ରୂପେ ପରିଗଣିତ ହେବେ । ସେ ସମସ୍ତଙ୍କର ପିତା ଥିବାରୁ, ସମସ୍ତଙ୍କୁ ସମାନ ପ୍ରେମ କରନ୍ତି । ପୁରାକାଳ ଯଦିଓ ସେ ଭାବବାଦୀମାନଙ୍କ ସହିତ କଥା କରୁଥିଲେ, ତାହାଙ୍କ ବ୍ୟକ୍ତ ବାକ୍ୟ ସମସ୍ତଙ୍କୁ ଜଣାଇବା ନିମନ୍ତେ ସେ ଆଦେଶ ଦେଉଥିଲେ ।

ତେଣୁକରି ଆସ, ତାହାଙ୍କ ସଂପୂର୍ଣ୍ଣ ଓ ଅନ୍ତିମ ବାର୍ତ୍ତା ଯାହା କି ନୂତନ ନିୟମରେ ଲିପିବଦ୍ଧ ହୋଇଅଛି, ତାହା ପାଳନ କରି ତାହାଙ୍କ ନିକଟବର୍ତ୍ତୀ ହେଉ ।

**- John Thiesen**

▲▲▲

# ପାଦ ପ୍ରକ୍ଷାଳନ

## (Feet Washing)

ଏହି ଜଗତ ନିବାସୀମାନଙ୍କ ମଧ୍ୟରେ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁଯୀଶୁଖ୍ରୀଷ୍ଟ ଶ୍ରେଷ୍ଠତମ ବ୍ୟକ୍ତି ଅଟନ୍ତି । ପିତା ପରମେଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ଏହି ଜଗତରେ ଶରୀରଧାରଣ କରି ଧାର୍ମିକତା ଜୀବନଯାପନ କରିଥିଲେ । ପ୍ରେରିତ ପ୍ରଥମ ପର୍ବ ଓ ଦ୍ୱିତୀୟ ପଦରେ ଲୁକ କହନ୍ତି, ''ସେ ଯାହା ଯାହା କହୁଥିଲେ ତାହା କର୍ମ ଦ୍ୱାରା ସାଧନ କରୁଥିଲେ । ଏହାର ଉଦାହରଣ ଆମ୍ଭେମାନେ ଯୋହନ ତ୍ରୟୋଦଶ ଅଧ୍ୟାୟରେ ପଢ଼ିପାରୁ । ଗୁରୁ ଓ ଶ୍ରେଷ୍ଠ ପ୍ରଭୁ ଯୀଶୁଖ୍ରୀଷ୍ଟ ଆପଣା ଶିଷ୍ୟମାନଙ୍କ ନିକଟରେ ଦାସରୂପ ଧାରଣ କରିଥିଲେ । ପରସ୍ପର ନିକଟରେ ଆପଣା ଆପଣାକୁ ନତ କରି, ପରସ୍ପରର ସେବା କରିବା ଆବଶ୍ୟକ ବୋଲି ଆପଣା ଶିଷ୍ୟମାନଙ୍କୁ ଜଣାଇବା ନିମନ୍ତେ ସେ ଆପଣାକୁ ନତ କରିଥିଲେ ।

ପିତାଙ୍କ ନିକଟକୁ ଆପଣା ପ୍ରସ୍ଥାନର ସମୟ ଉପସ୍ଥିତ ଜାଣି, ଶତ୍ରୁହସ୍ତରେ ସମର୍ପିତ ହେବା ରାତ୍ରିରେ ଯୀଶୁଖ୍ରୀଷ୍ଟ ଆପଣା ଶିଷ୍ୟମାନଙ୍କ ସହିତ ଭୋଜନ ପାନ କଲାପରେ ଆସନରୁ ଉଠିଆସି ଆପଣାର ବସ୍ତ୍ର କାଢ଼ିନେଇ ଗୋଟିଏ ଗାମୁଛା ନେଇ ଆପଣାର କଟୀ ବନ୍ଧନ କଲେ । ତତ୍ପରେ ସେ ପାତ୍ରରେ ଜଳ ଢ଼ାଳି ଆପଣା ଶିଷ୍ୟମାନଙ୍କ ପାଦ ପ୍ରକ୍ଷାଳନ କରି ଆପଣା କଟୀରେ ବନ୍ଧା ହୋଇଥିବା ଗାମୁଛାରେ ପୋଛି ଦେଲେ । ପ୍ରଭୁଙ୍କ ଏହି କାର୍ଯ୍ୟ ଶିଷ୍ୟମାନଙ୍କୁ ଅଶ୍ଚର୍ଯ୍ୟାନ୍ୱିତ କରିଥିଲା । ସେ ଯେତେବେଳେ ପିତରଙ୍କ ପାଦ ପ୍ରକ୍ଷାଳନ କରିବା ନିମନ୍ତେ ଉଦ୍ୟତ ହେଲେ ପିତର ତାହାଙ୍କୁ କହିଲେ, ''..........ପ୍ରଭୋ, ଆପଣ ମୋର ପାଦ ଧୋଇଅଛନ୍ତି । ଯୀଶୁ ତାଙ୍କୁ ଉତ୍ତର ଦେଲେ, ମୁଁ ଯାହା କହୁଅଛି ତାହା ତୁମ୍ଭେ ଏବେ ଜାଣୁ ନାହଁ, କିନ୍ତୁ ପରେ ବୁଝିବ ପିତର ତାହାଙ୍କୁ କହିଲେ, ଆପଣ କଦାପି କେବେ ହେଁ ପାଦ ଧୋଇଦେବେ ନାହିଁ । ଯୀଶୁ ତାଙ୍କୁ ଉତ୍ତର ଦେଲେ, ଯଦି ମୁଁ ତୁମ୍ଭକୁ ଧୌତ ନକରେ, ତାହାହେଲେ ମୋ' ସହିତ ତୁମ୍ଭର କୌଣସି ଅଂଶ ନାହିଁ .......... ଅତଏବ, ପ୍ରଭୁ ଓ ଗୁରୁ ଯେ ମୁଁ, ମୁଁ ଯଦି ତୁମ୍ଭମାନଙ୍କର ପାଦ ଧୋଇ ଦେଇଅଛି ତେବେ ତୁମ୍ଭମାନଙ୍କର ମଧ୍ୟ ପରସ୍ପର ପାଦ ଧୋଇବା କର୍ତ୍ତବ୍ୟ । କାରଣ ତୁମ୍ଭମାନଙ୍କ ପ୍ରତି ମୁଁ ଯେପରି କରିଅଛି, ତୁମ୍ଭେମାନେ ମଧ୍ୟ ଯେ ସେପରି କର, ଏଥି ନିମନ୍ତେ ମୁଁ ତୁମ୍ଭମାନଙ୍କର ମଧ୍ୟ ପରସ୍ପର ପାଦ ଧୋଇବା କର୍ତ୍ତବ୍ୟ ।'' (ଯୋହନ ୧୩:୪-୧୫)

ଏହି ଘଟଣାରୁ ଅନୁସରଣ କରି ଅନେକ ମତ ଶାଖା ମଣ୍ଡଳୀଗୁଡ଼ିକରେ ପାଦ ପ୍ରକ୍ଷାଳନ ପ୍ରଥା ଚଳିତ ହୋଇଆସୁଅଛି । ଏହି ଘଟଣାରେ ପ୍ରଭୁଯୀଶୁ ବିନୟତାର ଏକ ଆଦର୍ଶ ଦେଖାଇଥିଲେ, କିନ୍ତୁ ଏକ ପ୍ରଥାରୂପେ ଆଚରଣ କରିବା ନିମନ୍ତେ ଆଜ୍ଞା ଦେଇନଥିଲେ । ଅନ୍ୟମାନଙ୍କ ପାଦ ପ୍ରକ୍ଷାଳନ କରୁଥିବା ସଭ୍ୟମାନେ ଆପଣା ପ୍ରତିବାସୀଙ୍କୁ କିପରି ବ୍ୟବହାର କରୁଅଛନ୍ତି ? ପ୍ରଭୁଯୀଶୁଙ୍କ ନମ୍ରତା ବିଷୟରେ ପାଉଲ ଫିଲିପ ମଣ୍ଡଳୀକୁ ଲେଖନ୍ତି, ''ସେ ଈଶ୍ୱରରୂପୀ ହେଲେ ହେଁ, ଈଶ୍ୱରଙ୍କ ସହିତ ସମାନ ହୋଇ ରହିବା ନିଜ ନିମନ୍ତେ ଧରି ରଖିବାର ବିଷୟ ମନେ କଲେ ନାହିଁ, କିନ୍ତୁ ମନୁଷ୍ୟ ସଦୃଶହୋଇ ଦାସରୂପ ଧାରଣ କରି ଆପଣାକୁ ଶୂନ୍ୟ କଲେ ।'' (ଫିଲିପ ୨:୬-୭) ପାଦ

ପ୍ରକ୍ଷାଳନର ଅର୍ଥ ନମ୍ରତାର ବସ୍ତ୍ରଧାରଣ କରିବା । 'ପାଦ ପ୍ରକ୍ଷାଳନ'ର ପ୍ରଥା ଅନୁସରଣ କରିବା ବ୍ୟକ୍ତିମାନେ କି ପ୍ରଭୁଯୀଶୁଙ୍କ ପରେ ନମ୍ରତାର ବସ୍ତ୍ର ଧାରଣ କରିଅଛନ୍ତି ? ଆପଣା ଆପଣାକୁ ନତ କରି ପରସ୍ପରର ସେବା କରିବା ଆବଶ୍ୟକତା ଶିଷ୍ୟମାନଙ୍କୁ ଜ୍ଞାତ କରାଇବା ନିମନ୍ତେ ପ୍ରଭୁଯୀଶୁ ଆପଣା ଶିଷ୍ୟମାନଙ୍କ ପାଦ ପ୍ରକ୍ଷାଳନ କରିଥିଲେ ।

ଧୂଳିରାସ୍ତାରେ ଗମନାଗମନ ଦ୍ୱାରା ପାଦ ମଇଳା ହୋଇଥିବାରୁ, ପାଦ ପ୍ରକ୍ଷାଳନ ସେ ଯୁଗର ଏକ ଆବଶ୍ୟକୀୟ ପ୍ରଥା ଥିଲା । ଶିଷ୍ୟମାନଙ୍କ ପାଦ ପ୍ରକ୍ଷାଳନ କରି ଯୀଶୁଖ୍ରୀଷ୍ଟ ଆପଣା ବିନୟତାର ପରିଚୟ ଦେଇଥିଲେ । କିନ୍ତୁ ଶିଷ୍ୟମାନେ ତାହାଙ୍କ ସଦୃଶ୍ୟ ଆପଣାକୁ ନତ କରିନଥିଲେ । ଆମ୍ଭେମାନେ କି ତାହାଙ୍କ ସଦୃଶ୍ୟ ଆପଣାକୁ ନତ କରି ପାରୁଅଛୁ ? ଆମ୍ଭମାନଙ୍କ ପରିବାର ପ୍ରତି ଆମ୍ଭମାନଙ୍କ ପ୍ରତିବାସୀ ପ୍ରତି ଆମ୍ଭମାନଙ୍କ ମନୋଭାବ କିପରି ଅଛି ? ଏହି ଘଟଣାରେ ଆମ୍ଭମାନଙ୍କ ପ୍ରଭୁଯୀଶୁ ବ୍ୟକ୍ତ କରିଥିବା ବିନୟତାର ଅନୁସରଣ ନକରି ଲୋକେ ଅନ୍ୟମାନଙ୍କ 'ପାଦ ପ୍ରକ୍ଷାଳନ'ର ପ୍ରଥା ଆଚରଣ କରନ୍ତି । ଆମ୍ଭମାନଙ୍କ ପ୍ରଭୁଯୀଶୁ ଶତ୍ରୁମାନଙ୍କ ନିମନ୍ତେ ପ୍ରାର୍ଥନା କରିଥିଲେ, ଆମ୍ଭେମାନେ କି ତାହାଙ୍କ ଆଦର୍ଶ ଅନୁସରଣ କରୁଅଛୁ ? ପ୍ରଭୁ କହନ୍ତି, ''କିନ୍ତୁ ମୁଁ ତୁମ୍ଭମାନଙ୍କୁ କହୁଅଛି, ତୁମ୍ଭମାନଙ୍କ ଶତ୍ରୁମାନଙ୍କୁ ପ୍ରେମ କର, ପୁଣି ଯେଉଁମାନେ ତୁମ୍ଭମାନଙ୍କୁ ତାଡ଼ନା କରନ୍ତି, ସେମାନଙ୍କ ନିମନ୍ତେ ପ୍ରାର୍ଥନା କର । (ମାଥିଉ ୫:୪୪)

ଯୀଶୁ କହିଲେ, ''ମୋହର ଜୁଆଳି ଆପଣା ଆପଣା ଉପରେ ଘେନ, ପୁଣି ମୋ' ନିକଟରୁ ଶିଖ, କାରଣ ମୁଁ ମୃଦୁଶୀଳ ଓ ନମ୍ରଚିତ୍ତ, ଆଉ ତୁମ୍ଭେମାନେ ଆପଣା ଆପଣା ଆତ୍ମାରେ ବିଶ୍ରାମ ପାଇବ ।'' (ମାଥିଉ ୧୧:୨୯) ପ୍ରଭୁଙ୍କ ଶିଷ୍ୟମାନଙ୍କ ପାଦ ପ୍ରକ୍ଷାଳନ ଏକ ଆତ୍ମିକ ପ୍ରଥା ନୁହେଁ କିନ୍ତୁ ତାହା ଏକ ସାମାଜିକ ପ୍ରଥା ଥିଲା । ଏହି ସାମାଜିକ ପ୍ରଥା ଦ୍ୱାରା ପ୍ରଭୁ ଆମ୍ଭମାନଙ୍କୁ ପରସ୍ପର ନିକଟରେ ନମ୍ରହୋଇ ସେବା କରିବା ନିମନ୍ତେ ଜଣାଇ ଅଛନ୍ତି । ''ଖ୍ରୀଷ୍ଟଯୀଶୁଙ୍କର ଯେପରି ମନ ଥିଲା, ତୁମ୍ଭମାନଙ୍କର ସେପରି ମନ ହେଉ ।'' (ଫିଲିପ ୨:୫) ଯଦି ଖ୍ରୀଷ୍ଟଙ୍କ ମନ ଆମ୍ଭମାନଙ୍କ ଠାରେ ନଥାଏ, ତାହାହେଲେ ଆମ୍ଭେମାନେ ପ୍ରଥମେ ଆପଣା ଆପଣା ହୃଦୟ ପ୍ରକ୍ଷାଳନ କରୁ । ଆତ୍ମ ବଡ଼ିମା ଓ ଆତ୍ମ ଗର୍ବ ପରିତ୍ୟାଗ କରି ନମ୍ରତାର ବସ୍ତ୍ର ପରିଧାନ କରୁ । ଯୀଶୁ ଯାକୁବ ଓ ଯୋହନ ସହିତ ଶ୍ରେଷ୍ଠତା ବିଷୟରେ କହିଥିଲେ,''............ଯେଉଁମାନେ ବିଜାତିମାନଙ୍କର ଶାସନକର୍ତ୍ତା ରୂପେ ଗଣିତ, ସେମାନେ ସେମାନଙ୍କ ଉପରେ କର୍ତ୍ତବ୍ୟ କରନ୍ତି, ଓ ସେମାନଙ୍କର ମହାନ ବ୍ୟକ୍ତିମାନେ ସେମାନଙ୍କ ଉପରେ କର୍ତ୍ତୃତ୍ୱ କରନ୍ତି, ଏହା ତୁମ୍ଭେମାନେ ଜାଣ । କିନ୍ତୁ ତୁମ୍ଭମାନଙ୍କର ମଧ୍ୟରେ ସେ ପ୍ରକାର ନୁହେଁ, ମାତ୍ର ତୁମ୍ଭମାନଙ୍କ ମଧ୍ୟରେ ଯେକେହି ମହାନ୍ ହେବାକୁ ଇଚ୍ଛା କରେ, ସେ ତୁମ୍ଭମାନଙ୍କର ସେବକ ହେଉ । ପୁଣି ତୁମ୍ଭମାନଙ୍କ ମଧ୍ୟରେ ଯେକେହି ପ୍ରଧାନ ହେବାକୁ ଇଚ୍ଛା କରେ, ସେ ସମସ୍ତଙ୍କର ଦାସ ହେଉ ।'' (ମାର୍କ ୧୦:୪୨-୪୪) ପ୍ରଭୁ ଯୀଶୁ ସେବିତ ହେବାକୁ ଏ ଜଗତକୁ ନ ଆସି କିନ୍ତୁ ସେବା କରିବା ପାଇଁ ଆସିଥିଲେ ।

**- Francis David**

# SECOND COMING OF CHRIST

John 14: 1,3

## INTRODUCTION :

1. Much is said about the coming of Christ and what he did while on earth.
2. But Chirst will be coming againg one day.
3. What does the Bible teach on this?

## DISCUSSIGN :

### I. Christ will Come Again.

1. He said he would. (John 14: 1,3).
2. The Bible clearly teaches it.

### II. When will Christ Come ?

1. We do not know.
2. The angels do not know.
3. Christ does not know.
4. Only God knows.

### III. How will Christ Come ?

1. As he went away (Acts 1:11).
2. As a thief (2 Peter 3: 10).
3. In the clouds (1 Thessalonians 4:17).

### IV. Why will He Come ?

1. To keep his promise.
2. To gather out of the kingdom all that offend (Matthew 13).
3. To take vengance on the wicked (2 Thessalonians 1: 7,9).
4. To receive his bride (Ephesians 5:27).

## V. What will Happen when He Comes Again ?

1. The heavens and earth will be destroyed (2 Peter 3:10).
2. The resurrection will take place (John 5:28,29).
3. The Wicked will cry for the rocks and mountains to fall on them (Revelation 6:16).
4. Every knee shall bow and every tongue shall confess to God (Romans 14:11).
5. The judgment shall take place (Hebrews 9:27)
6. Eternity will begin (Matthew 25:46).

## CONCLUSION :

1. Will You be ready for the Lord's return ?
2. It will mark the end and the beginning for all.

-- J.C. CHOATE.

From:
SATYA VANI
P.O. BOX 80,
KAKINADA - 533 001

Printed Book Only

To

(FOR PRIVATE CIRCULATION ONLY)